# ଗୋପାଳନରେ ଥିବା ମୁଖ୍ୟ ସମସ୍ୟା ଓ ତାର୍ ସମାଧାନ

ଡା. ରଞ୍ଜନ କୁମାର ମହାନ୍ତ ଓ ଡା. ଶୁଭେନ୍ଦୁ କୁମାର ବେହେରା*

ଗୋପାଳନ ଆମର ଏକ ବହୁ ପୁରାତନ ରୋଜଗାର ଉତ୍ସ । ଭାରତ କ୍ଷୀର ଉତ୍ପାଦନରେ ବିଶ୍ୱରେ ଏକ ନମ୍ବର ହେଲେ ମଧ୍ୟ ଆମ ଓଡିଶାର କ୍ଷୀର ଉତ୍ପାଦନ ଗାଈପିଛା ବହୁତ କମ୍ । ଏହାର କାରଣ ଆମର ଚାଷୀଭାଇମାନଙ୍କର ନୂତନ ଜ୍ଞାନକୌଶଳ ବିଷୟରେ ଅଜ୍ଞତା ତଥା ସମସ୍ୟା ସୁଷମ ଖାଦ୍ୟର ଅଭାବ, ଗାଈଗାରୁଙ୍କ ଉପଯୁକ୍ତ ଯତ୍ନ ନ ନେବା, ଗୁହାଳ ଠିକ୍ ନ ଥିବା, ରୋଗ ପ୍ରତିଷେଧକ ବ୍ୟବସ୍ଥା ଠିକ୍‌ରେ ନ ପାଳନ କରିବା, କୃମି ଜନିତ ରୋଗର ପ୍ରତିକାର ନ କରିବା, ଥନହରା ରୋଗ ଓ କ୍ଷୀର ଠିକ୍‌ରେ ନ ଦୁହିଁବା, ଗାଈ ଗୋରୁଙ୍କୁ ଯଥାର୍ଥ ପରିମାଣରେ ସବୁଜ ଘାସ ନ ଦେବା, ଗାଈ ଠିକ୍‌ରେ ନ ବାଛିବା, ପ୍ରଜନନ ସମସ୍ୟାକୁ ସଠିକ୍ ଭାବେ ଗୁରୁତ୍ୱ ନ ଦେବା ଏବଂ ରୋଗ ହେଲେ ଡାକ୍ତରଙ୍କ ପାଖକୁ ବିଳମ୍ବର ନେବା ଆଦି ମୁଖ୍ୟ ଅଟେ ।

**ସୁଷମ ଖାଦ୍ୟର ଅଭାବ :**

ଗାଈର ଶରୀରର ରକ୍ଷଣାବେକ୍ଷଣ, ଗର୍ଭରେ ଥିବା ଭୃଣର ଯତ୍ନ ତଥା କ୍ଷୀର ଠିକ୍ ପରିମାଣରେ ଦେବାରେ ଖାଦ୍ୟ ଏକ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ଖାଦ୍ୟାଭାବରେ ଗାଈର ନିଜର ବିକାଶ ବାଧାପ୍ରାପ୍ତ ହେବା ସହିତ, ଗର୍ଭରେ ବଢୁଥିବା ବାଛୁରୀ ମଧ୍ୟ ଠିକ୍ ଭାବେ ବିକଶିତ ହୋଇ ନ ଥାଏ । ତେଣୁ ସେ ପରବର୍ତ୍ତୀ ସମୟରେ ଏକ ଭଲ ଗାଈ ଅଥବା ବଳଦରେ ପରିଣତ ହୋଇ ପାରି ନ ଥାଏ । ଏହାଛଡା କ୍ଷୀରରେ ବାହାରି ଯାଉଥିବା ଉପାଦାନ ଗୁଡିକ ନିଜ ରକ୍ତ, ମାଂସ ଓ ହାଡରୁ ନେଇଥାଏ, ଏବଂ ଗାଈ ନିଜକୁ ବଞ୍ଚାଇବାକୁ ଯାଇ କ୍ଷୀରର ପରିମାଣ କମ୍ କରିଦିଏ ଏବଂ କ୍ଷୀର ଦେବା ଶୀଘ୍ର ବନ୍ଦ କରିଦିଏ । ଅଧିକ କ୍ଷୀର ଦେଉଥିବା ଶଙ୍କର ଜାତୀୟ ଗାଈ ଠିକ୍‌ରେ ଖାଦ୍ୟ ନ ପାଇଲେ ଶରୀରରୁ ଖାଦ୍ୟସାର କ୍ଷୀରରେ ଥିବାରୁ ଧୀରେ ଧୀରେ ଶରୀର ଓ କ୍ଷୀର ଦେବା କ୍ଷମତା ନଷ୍ଟ ହୋଇ ଥାଏ । ତେଣୁ ପଶୁମାନଙ୍କୁ ଯଥେଷ୍ଟ ପରିମାଣରେ ଖାଦ୍ୟସାର ଦେଲେ ଆମେ ଭଲ କ୍ଷୀର ପାଇବା ସହିତ ଏକ ଭଲ ଗାଈ ବା ବଳଦ ସୃଷ୍ଟି କରି ପାରିଥାଉ । ଧରନ୍ତୁ ଚାଷୀଭାଇଙ୍କ ସମ୍ବଳ କମ୍ ଅଛି, ତଥାପି ସେ କିଛି ଶସ୍ୟ ଜାତୀୟ, କିଛି ଡାଲିଜାତୀୟ ତଥା ଚୋକଡ ଓ କୁଣ୍ଡା ସହିତ ଖଣିଜ ମିଶ୍ରଣ ଓ ଲୁଣ ଅତି କମ୍‌ରେ ଗାଈର ତିନୋଟି ସମୟରେ ନିଶ୍ଚିତ ଦିଅନ୍ତୁ ; (୧) ଗରମ ଆସିବା ପୂର୍ବରୁ-୩୦ ଦିନ (୨) ଗର୍ଭର ୬ ମାସ ପରେ -୯୦ ଦିନ ଏବଂ (୩) ବାଛୁରୀ ଜନ୍ମ କରିବାଠାରୁ ୯୦ ଦିନ ପର୍ଯ୍ୟନ୍ତ । ଖାଲି ଖଣିଜ ମିଶ୍ରଣ ଦିନକୁ ୨୦-୪୦ ଗ୍ରାମ୍ ଦେଇ ମାତ୍ର କିଛି ଟଙ୍କା ଖର୍ଚ୍ଚ କଲେ ଆମ ଆଖି ଆଗରେ ଗାଈ ଓ ବାଛୁରୀ ଦେହରେ ପରିବର୍ତ୍ତନ ଆମେ ଲକ୍ଷ୍ୟ କରି ପାରିବା । ଏହାଛଡା ଶରୀରର ସବୁଠାରୁ ମୂଲ୍ୟବାନ ଉପାଦାନ ପାଣି ଗାଈକୁ ଯଥେଷ୍ଟ ପରିମାଣରେ ପିଇବାକୁ ଦିଅନ୍ତୁ ।

**ଗୁହାଳ ଓ ପରିବେଶର ଯତ୍ନ :**

ମଣିଷ ହେଉ ବା ପଶୁ ସମସ୍ତେ ଭଲ ପରିବେଶରେ ରହିଲେ ଫଳାଫଳ ଭଲ ମିଳିଥାଏ । ଗୁହାଳ ଏପରି ହେବା ଉଚିତ୍ ଯେପରିକି ପବନ ଝରକା ଓ କବାଟ ଦେଇ ଏପାଖରୁ ସେ ପାଖ ଯାଇ ପାରୁଥିବ ତଥା ସୂର୍ଯ୍ୟାଲୋକ ଘର ଭିତରେ ପଡି ପାରୁଥିବ । ଭୂଇଁ ଆବଡା ଖାବଡା ନ ହେବା ଦରକାର ଏବଂ ପାଣି ଓ ମୂତ୍ର ଗଡି ଯାଉଥିବା ଦରକାର । ଆଖ ପାଖରେ ଅନାବନା ଗଛ ଓ ବୁଦା ରଖନ୍ତୁ ନାହିଁ ତଥା ଗୁହାଳକୁ ଫିନାଇଲ୍ ଓ ଚୂନ ରେ ବିଶୋଧନ କରନ୍ତୁ ଏବଂ ପ୍ରତି ୩-୪ ମାସରେ ଥରେ ଟିଙ୍କ ଔଷଧ ସ୍ପ୍ରେ କରି ବାହ୍ୟକୃମି ଜନିତ ରୋଗରୁ ରକ୍ଷା କରନ୍ତୁ ।

**କୃମି ଜନିତ କ୍ଷତି :**

କୃମି (ବାହ୍ୟ କୃମି-ଶରୀର ବାହାରେ ଥାନ୍ତି ତଥା ଅନ୍ତଃ କୃମି- ଶରୀର ମଧରେ ଥାନ୍ତି) ଶରୀରର ଖାଦ୍ୟ ସାରରୁ ପାଖାପାଖି ୩୦-୪୦ ପ୍ରତିଶତ ନିଜେ ଖାଇଥାନ୍ତି । ବାହାରକୁ ଲୋମ ଟାଆଁଶ ଦେଖାଯାଏ ଏବଂ ସେମାନେ ଘର, କାନ୍ଥ ଓ ଗଛରେ ଘସି ହୁଅନ୍ତି । ତେଣୁ ପ୍ରତି ୩-୪ ମାସ ବ୍ୟବଧାନରେ ଗ୍ରାମବାସୀମାନେ ଏକତ୍ର ହୋଇ କୃମି ରୋଗ ପାଇଁ ନିକଟରୁ ପଶୁ ଚିକିତ୍ସକଙ୍କ ପରାମର୍ଶ ନେଇ କୃମି ଔଷଧ ଦିଅନ୍ତୁ । ସରକାରଙ୍କ ତରଫରୁ ମିଳୁଥିବା କୃମି ଔଷଧ ବ୍ୟବହାର କରି ଗାଈ ଗୋରୁଙ୍କୁ ସୁସ୍ଥ ରଖନ୍ତୁ । ଗର୍ଭବତୀ ଗାଈ ଅଥବା ରୋଗୀଣା ପଶୁ ମାନଙ୍କୁ କୃମି ଔଷଧ ଦେବା ପୂର୍ବରୁ ପଶୁ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ । ମୁଖ୍ୟତଃ ବର୍ଷା ଓ ଶୀତ ଦିନେ କୃମି ଗାଈଙ୍କ ସବୁଠାରୁ ଅଧିକ କ୍ଷତି କରିଥାଏ । କୃମିନାଶକ ଔଷଧ ଦେବା ପରେ ପଶୁମାନଙ୍କୁ ଖରାକୁ ଛାଡନ୍ତୁ ନାହିଁ । କିଛି କୃମି ଓ ଟିଙ୍କ ଜରିଆରେ ଅନ୍ୟାନ୍ୟ ରୋଗ ମଧ ବ୍ୟାପିଥାଏ ।

### ଗାଈ ଗୋରୁଙ୍କ ବିଭିନ୍ନ ରୋଗ :

ରୋଗର ଲକ୍ଷଣ ଦେଖାଇଲେ ଅର୍ଥାତ୍ ଠିକ୍‌ରେ ନ ଖାଇଲେ, ଝାଡା ପରିସ୍ରାରେ ଦୁର୍ଗନ୍ଧ, ଜ୍ୱର ତଥା କିଛି ଅସାମାନ୍ୟ ଲକ୍ଷଣ ଦେଖାଗଲେ ଯଥା ଶୀଘ୍ର ପଶୁ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ । ସରକାରଙ୍କର ତରଫରୁ ଥିବା ଟୀକାକରଣ ବ୍ୟବସ୍ଥାର (ସାହାଣା, ବଜବଜିଆ, ଫାଟୁଆ) ଲାଭ ନିଅନ୍ତୁ । ରୋଗର ଚିକିତ୍ସା ଠାରୁ ପ୍ରତିଷେଧକ ବ୍ୟବସ୍ଥା ଶହେ ଗୁଣରେ ଭଲ । ଗାଁ ବାସୀ ମିଳିତ ଭାବେ ଟୀକାକରଣ କଲେ ଟୀକା ଭଲ କାମ କରିଥାଏ । ଏହାଛଡା ଆଞ୍ଚଳିକ ରୋଗ ଯଥା ଆନ୍ଥ୍ରାକ୍ସ, ରିଣ୍ଡରପେଷ୍ଟ, ଟ୍ରୀପାନୋସୋମିଆସିସ୍, ବାବେସିଓସିସ୍ (ସମୁଦ୍ରକୂଳ ସ୍ଥାନ) ପ୍ରତି ସଜାଗ ରହନ୍ତୁ । ଏହା ଛଡା ଠିକ୍ ଭାବେ ଖାଦ୍ୟ ଓ ଗାଈ ଗୋରୁଙ୍କ ପରିଚାଳନା କଲେ ଆମେ ରୋଗ ମାନଙ୍କୁ କମ୍ କରିଦେଇ ପାରିବା ।

### ଥନହରା ରୋଗ

ଗାଈଙ୍କୁ ଠିକ୍ ଭାବେ ପୁରା ମୁଠା କରି ଦୁହଁନ୍ତୁ ଏବଂ ଦୁହାଁଳୀର ହାତ ଓ ବାସନ ସଫା ରଖନ୍ତୁ । ଏହା ସହିତ ନଖ ଉଷୁମ ପାଣିରେ ଦୁହିଁବା ପୂର୍ବରୁ ଥନ ଓ ଚେରକୁ ସଫା କରିବା ଦରକାର । କ୍ଷୀର ଦୁହିଁବା ପରେ ଚିର ଖୋଲାଥାଏ । ତେଣୁ ଦୁହିଁଲା ବେଳେ କିଛି ଘାସ ବା ନଡ଼ା ଖାଇବାକୁ ଦେଲେ ଦୁହିଁଲା ପରେ ଶୀଘ୍ର ନ ଶୋଇବା ହେତୁ ଜୀବାଣୁ ମାନେ ଚିରରେ ପଶି ନିଜର ବଂଶ ବୃଦ୍ଧି କରି ପାରନ୍ତି ନାହିଁ । ଦୁହିଁବା ପରେ ଚିରକୁ ପଟାସିୟମ୍ ପରମାଙ୍ଗାନେଟ୍ ଅଥବା ସାଭଲନ୍ ପାଣିରେ ଧୋଇ ମାଷ୍ଟିଲେପ୍ ଲଗାନ୍ତୁ । ଦୁହିଁବା ସମୟ ଓ ବ୍ୟକ୍ତି ବାରମ୍ବାର ବଦଳାନ୍ତୁ ନାହିଁ । ୫-୭ ମିନିଟ୍ ମଧ୍ୟରେ କ୍ଷୀର ଦୁହଁନ୍ତୁ ଏବଂ ଥନରେ କ୍ଷୀର ରହିବାକୁ ଦିଅନ୍ତୁ ନାହିଁ । କୌଣସି ଚିର ଖରାପ ଥିଲେ ଭଲ ଚିରରୁ କ୍ଷୀର ଦୁହିଁବା ପରେ ଖରାପ ଚିରର କ୍ଷୀରକୁ ଦୁହିଁ ଫିଙ୍ଗି ଦିଅନ୍ତୁ ।

### ଗାଈର ଗର୍ଭ ନ ରହିବା :

ଗାଈର ଖାଦ୍ୟରେ ଶକ୍ତିଦାୟକ ଖାଦ୍ୟ, ପୁଷ୍ଟିସାର ତଥା ତମ୍ବା, ଦସ୍ତା, ମାଙ୍ଗାନିଜ୍ ଓ ଲୌହ ଭଳି ଖାଦ୍ୟସାରର ଅଭାବ ହେଲେ ଗାଈ ଠିକ୍‌ରେ ଗର୍ଭ ଯାଇନଥାଏ । ତେଣୁ ସୁଷମ ଖାଦ୍ୟ ଦେଲେ ଗାଈ କମ୍ ଲେଉଟାଇବାର ସମ୍ଭାବନା ଥାଏ । ଏହାଛଡା ଗାଈର ଦେହରେ କିଛି ରୋଗ ଥିଲେ ମଧ୍ୟ ଏହା ଲେଉଟାଇଥାଏ । ଖଣିଜ ମିଶ୍ରଣ ଠିକ୍ ଭାବେ ଦେଲେ ପ୍ରାୟ ଶତକଡା ୫୦ ଭାଗ ପ୍ରଜନନ ସମସ୍ୟା ଦୂର କରାଯାଇ ପାରିବ । ଭଲ ଗାଈ ପାଇବା ପାଇଁ ଆମେ ଯଦି ଠିକ୍ ଖାଦ୍ୟ ନ ଦେବା, ତାର ଗୁଣ ସୂତ୍ରରେ ଥିବା ଗୁଣର ବିକାଶ ହେବ ନାହିଁ ।

### ସଠିକ୍ ପ୍ରଜାତିର ଗାଈ

ଆମେ ଗାଈ ବାଛିଲା ବେଳେ ନିଜର ଆର୍ଥିକ କ୍ଷମତା, ଖାଦ୍ୟ ଓ ଚରାର ଅଭାବ ତଥା ବାସସ୍ଥାନ ଓ ଜଳବାୟୁ ଦେଖି ରଖିବା ଦରକାର । ଅତି ଭଲ ଗାଈ ରଖି ତା ପାଇଁ ଭଲ ଘର ଓ ଖାଦ୍ୟ ନ ଦେଇ ପାରିଲେ, ଗାଈର କ୍ଷମତା ନଷ୍ଟ ହେବା ହିଁ ସାର ହେବ । ତେଣୁ ଅତ୍ୟଧିକ ଗରମ ସ୍ଥାନରେ ହଲଷ୍ଟିନ ନ ରଖି ଜର୍ସି ଅଥବା ସିନ୍ଧିର ଶଙ୍କର ଜାତୀୟ ଗାଈ ରଖନ୍ତୁ ଏବଂ ଯେଉଁ ସ୍ଥାନରେ ଖାଦ୍ୟର ପରିମାଣ କମ୍ ରହୁଛି ଦେଶୀ ଅଥବା ହରିଆନା ଗାଈ ରଖନ୍ତୁ ।

### ଅନ୍ୟାନ୍ୟ ପଦକ୍ଷେପ

- ପଶୁମାନଙ୍କର ବୀମା କରନ୍ତୁ ।
- ଗର୍ଭବତୀ ଗାଈଙ୍କୁ ସୁଷମ ଖାଦ୍ୟ ଦେଉଥିଲେ ଶେଷ ସପ୍ତାହରେ ଖଣିଜ ମିଶ୍ରଣ ଓ ଦାନା କିଛି ପରିମାଣରେ କମ୍ କରନ୍ତୁ ।
- ଖାଇବା ହଠାତ୍ ବଦଳାନ୍ତୁ ନାହିଁ ଏବଂ ସବୁ ଖାଦ୍ୟକୁ ମିଶାଇ ଖାଇବାକୁ ଦିଅନ୍ତୁ ।
- ଉନ୍ନତ ମାନର ଚରା ଅଥବା ସବୁଜ ଘାସ ଖୁଆଇଲେ ଅଧିକ ଲାଭ ମିଳିଥାଏ ।
- ବଳକା ଭାତ ଗାଈଙ୍କୁ ଦିଅନ୍ତୁ ନାହିଁ ।
- ନଡାକୁ କାଟି ଛୋଟ ଛୋଟ କରି ଦିଅନ୍ତୁ ।
- ବାଛୁରୀକୁ ଜନ୍ମର ତିନିଘଣ୍ଟା ମଧ୍ୟରେ ଯଥେଷ୍ଟ କଷକ୍ଷୀର ପିଆନ୍ତୁ ।
- ଗୁହାଳରେ ଖାଇବା ପିଇବାର ଅଲଗା ବ୍ୟବସ୍ଥା ରଖନ୍ତୁ ।

### ଆଗାମୀ ପଦକ୍ଷେପ :

ଅଗ୍ରଣୀ ଚଷୀମାନେ ନିକଟସ୍ଥ କୃଷି ବିଜ୍ଞାନ କେନ୍ଦ୍ର ଅଥବା ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର (OUAT) ଦୂରଶିକ୍ଷା ବିଭାଗରୁ ଶିକ୍ଷା ଲାଭ କରି ସମସ୍ୟାର ସମାଧାନ କରିପାରିବେ । ଏହି ସବୁ ସମସ୍ୟାର ସମାଧାନ ପାଇଁ ଗୋପାଳକମାନଙ୍କ ସହିତ ପଶୁ ଚିକିତ୍ସା ଓ ପଶୁପାଳନ ବିଭାଗ, କୃଷି ବିଜ୍ଞାନ କେନ୍ଦ୍ର, ଋଣ ଦେଉଥିବା ବ୍ୟାଙ୍କ ତଥା OUAT ସମସ୍ତଙ୍କର ମିଳିତ ପ୍ରଚେଷ୍ଟା ଆବଶ୍ୟକ ।

*ବିଷୟବସ୍ତୁ ବିଶେଷଜ୍ଞ (ପ୍ରାଣୀ ବିଜ୍ଞାନ),*
*କୃଷି ବିଜ୍ଞାନ କେନ୍ଦ୍ର କଟକ*
❖ *ଅଧ୍ୟାପକ, କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ, ଆଇଜଲ*